## ଚାରାରୋପଣ ଏବଂ ବଣ୍ଟନ କାର୍ଯ୍ୟକ୍ରମ




ଛତ୍ରପୁର,୧୭ ।୭(ସମିସ): ଯଶୋଦା ଫାଉଣ୍ଡେସନ ପକ୍ଷରୁ ଛତ୍ରପୁର ବ୍ଲକ ଅନ୍ତର୍ଗତ କମାପଲ୍ଲୀ ଗ୍ରାମରେ ପରିବେଶ ସୁରକ୍ଷା ସହ ଗ୍ରାମକୁ ସବୁଜ ସୁନ୍ଦର କରିବା ଉଦ୍ଦେଶ୍ୟରେ ଏକ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟି ସାଗରିକା ପଣ୍ଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ଓ ଆଇନଜୀବୀ ଡ଼ଃ ପ୍ରଶାନ୍ତ କୁମାର ଶତପଥି ଯୋଗଦେଇ ଗ୍ରାମର ମହିଳା ମାନଙ୍କୁ ବିଭିନ୍ନ ରକମର ଚାରା ବଣ୍ଟନ କରିଥିଲେ । ଏହା ସହିତ ଫାଉଣ୍ଡେସନ ପକ୍ଷରୁ ଗ୍ରାମରେ ବୃକ୍ଷରୋପଣ ମଧ୍ୟ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ପୁଷ୍ପାଞ୍ଜଳି ସାହୁ ଓ ସୁଦେଷ୍ଣା ସାହୁ ସହଯୋଗ କରିଥିଲେ ।

## କାଠ ପାଦ ଓ ବାଘ ନୃତ୍ୟ ପରିବେଷଣ



**ଛତ୍ରପୁର,୧୭ ।୭(ସମିସ):** ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପ ଠାରେ ୧୫ ଓ ୧୬ ଦୁଇଦିନ ଧରି ଖ୍ୟାତି ସମ୍ପନ୍ନ ଓଡିଶୀ ନୃତ୍ୟ ଗୁରୁ ଡ଼ଃ ଗଜେନ୍ଦ୍ର ପଣ୍ଡାଙ୍କ 'ତ୍ରିଧାରା' ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଓଡିଶୀ ନୃତ୍ୟର ପରମପୂଜ୍ୟ ଗୁରୁ ଶ୍ରୀଦେବ ପ୍ରସାଦ ଦାସଙ୍କ ଶ୍ରଦ୍ଧାଞ୍ଜଳି ସମାରୋହ ପାଳିତ ହୋଇଯାଇଛି । ଦ୍ୱିତୀୟ ଦିନ ପ୍ରାରମ୍ଭରେ ଛତ୍ରପୁରର ଅଗ୍ରଣୀ ଲୋକକଳା ନୃତ୍ୟ ଅନୁଷ୍ଠାନ ସମୀର ନୃତ୍ୟ କେନ୍ଦ୍ରର ନୃତ୍ୟ ଗୁରୁ ସମୀର କୁମାର ବେହେରାଙ୍କ ନୃତ୍ୟ ନିର୍ଦ୍ଦେଶନାରେ କାଠ ପାଦ ଓ ବାଘ ନାଚ ପରିବେଷଣ ହୋଇଥିଲା । ମଞ୍ଚରେ ସମୀର ବେହେରା, ଗୌତମ ନାୟକ ବାଘ ନାଚ, ବର୍ଷା ଦାସ, ଆଶା ଦାସ କାଠ ପାଦ ନୃତ୍ୟ, ଅଜିତ ନାୟକ, ସୁଜିତ ନାୟକ ଚାଙ୍ଗୁ ବାଦ୍ୟ ପରିବେଷଣ କରିଥିଲେ । ଅତିଥିଙ୍କ ଦ୍ୱାରା ସମୀର ବେହେରାଙ୍କୁ ଗୁରୁ ଦେବ ପ୍ରସାଦ ନୃତ୍ୟ ରତ୍ନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା ।

## ହିଣ୍ଡୁଳା ସ୍କୁଲ୍‌ରେ ବନମହୋତ୍ସବ

**ରମ୍ଭା,୧୭ ।୭(ସମିସ):** ହିଣ୍ଡୁଳା ପ୍ରାଥମିକ ବିଦ୍ୟାଳୟରେ ୭୬ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । ଶିକ୍ଷକ ତପୁ ସିଂଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ସଦାନନ୍ଦ ବସନ୍ତିଆ ସଭାପତିତ୍ୱ କରିଥିଲେ । ଶିକ୍ଷକ ବୁଲୁ ବେହେରା, ଲାବାନ୍ୟ ବେହେରା ଓ ଶିକ୍ଷୟିତ୍ରୀ ଏସ୍. ସୁଚିସ୍ମିତା ଦୋରାଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ଗ୍ରାମର ବହୁ ପୂର୍ବତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ ଓ ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗ୍ରାମ ପରିକ୍ରମା କରାଯିବା ସହିତ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ତଥା ବନ ମହୋତ୍ସବର ଉପକାରିତା ଓ ଆବଶ୍ୟକତା ସମ୍ବନ୍ଧରେ ବିଦ୍ୟାଳୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।

## ରେଲୱେରେ ନିଯୁକ୍ତି ଠକେଇ ମାମଲା

# ବଢ଼ିଲା ବିଘ୍ନେଶ୍ୱର ଓ ଶୁଭଲକ୍ଷ୍ମୀଙ୍କ ଅଡୁଆ



- ଉଭୟଙ୍କ ବିରୁଦ୍ଧରେ ୩ଟି ନୂଆ ମାମଲା ରୁଜୁ
- ୩ଟି ଥାନାରେ ମାମଲା ସଂଖ୍ୟା ୪କୁ ବୃଦ୍ଧି
- ୧୪ ଜଣଙ୍କ ଠାରୁ ଠକିଛନ୍ତି ୧କୋଟି ୮୩ଲକ୍ଷ
- ପୁଲିସ ସ୍କାନରରେ ଶୁଭଲକ୍ଷ୍ମୀଙ୍କ ଫେରାର ସ୍ୱାମୀ 'ସମରଜିତ'



**ବ୍ରହ୍ମପୁର,୧୭।୭(ସମିସ):** ରେଳବାଇରେ ଚାକିରି କରାଇଦେବା ଆଳରେ ଏକାଧିକ ଚାକିରି ଆଶାୟୀଙ୍କ ଠାରୁ କୋଟି କୋଟି ଟଙ୍କା ଠକେଇ ଅଭିଯୋଗରେ ଏ. ବିଘେଶ୍ୱର ରାଓ ଦୋରା ଓ ଶୁଭଲକ୍ଷ୍ମୀ ରାଉତ ଗିରଫ ହୋଇ ବର୍ତ୍ତମାନ ବ୍ରହ୍ମପୁର ଜେଲରେ ଅଛନ୍ତି । ସ୍କାମର ମୁଖ୍ୟ ଅଭିଯୁକ୍ତ ତଥା ଶୁଭଲକ୍ଷ୍ମୀଙ୍କ ସ୍ୱାମୀ ସମରଜିତ ରାଉତ ବର୍ତ୍ତମାନ ସୁଦ୍ଧା ଫେରାର ଅଛି । ଏଭଳି ସ୍ଥିତିରେ ଗିରଫ ଉଭୟ ବିଘ୍ନେଶ୍ୱର ରାଓଦୋରା ଏବଂ ଶୁଭଲକ୍ଷ୍ମୀ ରାଉତଙ୍କ ବିରୁଦ୍ଧରେ ମାମଲା ସଂଖ୍ୟା ବଢିବାରେ ଲାଗିଛି । ଉଭୟଙ୍କ ନାମରେ ପୁଣି ୩ଟି ଠକେଇ ମାମଲା ରୁଜୁ ହୋଇଛି । ଫଳରେ ଉଭୟଙ୍କ ବିରୁଦ୍ଧରେ ମାମଲା ସଂଖ୍ୟା ୪କୁ ବୃଦ୍ଧି ପାଇଛି ।

ସୂଚନା ପ୍ରକାରେ ବୈଦ୍ୟନାଥପୁର ଥାନାରେ ୨ଟି, ଦିଗପହଣ୍ଡି ଥାନା ଏବଂ ସଦର ଥାନାରେ ଗୋଟିଏ ଲେଖାଏଁ ମାମଲା ରୁଜୁ ହୋଇଥିବା ଜଣାପଡିଛି । ଏହି ୪ଟି ମାମଲାରେ ଉଭୟେ ୧୪ଜଣଙ୍କ ଠାରୁ ମୋଟ ୧କୋଟି ୮୩ଲକ୍ଷ ଠକି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ତେବେ ତଦନ୍ତ ବେଳେ ସେପଟେ ମୋଟ ୨୭ଜଣଙ୍କ ଠାରୁ ୩କୋଟି ୩୭ଲକ୍ଷ ଟଙ୍କା ଠକି ନେଇଥିବା ଜଣାପଡିଛି । ରେଳବାଇରେ ଚାକିରି କରାଇବାର ପ୍ରତିଶ୍ରୁତି ଦେଇ ୭ଜଣ ଯୁବକଙ୍କ ଠାରୁ ୮୬ଲକ୍ଷ ୫୦ହଜାର ଟଙ୍କା ଠକିଥିବା ନେଇ ଦିଗପହଣ୍ଡି ଥାନା ଅନ୍ତର୍ଗତ ପଦ୍ମନାଭପୁର ଗ୍ରାମର ଅଭିଷେକ ପଣ୍ଡା ଥାନାରେ ଅଭିଯୋଗ କରିଛନ୍ତି । ଉଭୟ ବିଘ୍ନେଶ୍ୱର ଓ ଶୁଭଲକ୍ଷ୍ମୀ ଚାକିରୀ ଆଶାୟୀଙ୍କୁ ରାଜ୍ୟର ବିଭିନ୍ନ ସ୍ଥାନକୁ ନେଇ ରେଳବାଇରେ ଚାକିରି ପାଇଁ ୩ମାସିଆ ତାଲିମ ମଧ୍ୟ ଦେଇଥିଲେ । ମୁଖ୍ୟ ଅଭିଯୁକ୍ତ ସମରଜିତ ରାଉତ ଏବଂ ତାଙ୍କ ପତ୍ନୀ ଶୁଭଲକ୍ଷ୍ମୀ ରାଉତଙ୍କୁ ଭେଟି ଅଭିଯୋଗକାରୀ ଅଭିଷେକ ପଣ୍ଡା ଓ ତାଙ୍କ ବନ୍ଧୁମାନେ ମୋଟ ୮୬ଲକ୍ଷ ୫୦ହଜାର ଟଙ୍କା ଦେଇଥିଲେ । ସେହିଭଳି ଲାଞ୍ଜିପଲ୍ଲୀ ଗଣେଶ ନଗରର ନିଳାମ୍ବର ଦାଶଙ୍କ ଠାରୁ ରେଳବାଇରେ ଚାକିରୀ କରାଇଦେବା ଆଳରେ ୧୨ଲକ୍ଷ ଓ ନାରାୟଣ ମଣ୍ଡଳଙ୍କ ଠାରୁ ୧୨ଲକ୍ଷ ଠକି ନେଇଥିଲେ ସେମାନେ । ଅନୁରୂପ ଭାବେ ପାଟପୁର ଥାନା ଅନ୍ତର୍ଗତ କଂସମାରି ଗ୍ରାମର ଏସ୍. କୃଷ୍ଣଚନ୍ଦ୍ର ଦୋରା ଓ ତାଙ୍କର ୫ଜଣ ବନ୍ଧୁଙ୍କ ଠାରୁ ମୋଟ ୬୨ଲକ୍ଷ ୫୦ ହଜାର ଟଙ୍କା ଠକି ନେଇଛନ୍ତି । ଏନେଇ କୃଷ୍ଣ ଦୋରା ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏ. ବିଘ୍ନେଶ୍ୱର ରାଓ ଦୋରା ଓ ଶୁଭଲକ୍ଷ୍ମୀ ରାଉତକୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଦିନକୁ ଦିନ ମାମଲା ସଂଖ୍ୟା ସହିତ ଠକେଇ ଅର୍ଥ ପରିମାଣ ବଢୁଥିବାରୁ ଉଭୟ ବିଘ୍ନେଶ୍ୱର ଓ ଶୁଭଲକ୍ଷ୍ମୀଙ୍କୁ ରିମାଣ୍ଡରେ ଆଣି ପୁଲିସ ଅଧିକ ଖୋଳତାଡ଼ କରିବ ବୋଲି ଜଣାପଡିଛି । ସେହିଭଳି ଗିରଫ ଶୁଭଲକ୍ଷ୍ମୀଙ୍କ ଫେରାର ସ୍ୱାମୀ ତଥା ଠକେଇ ମାମଲାର ମାଷ୍ଟର ମାଇଣ୍ଡ କୁହାଯାଉଥିବା ସମରଜିତ୍ ରାଉତକୁ ଗିରଫ କରିବାକୁ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି ।

## କମ୍ବିଂବେଳେ ମାଓଡମ୍ପ ଠାବ; ବିପୁଳ ଅସ୍ତ୍ରଶସ୍ତ୍ର ଜବତ



**କନ୍ଧମାଳ /ବାଲିଗୁଡ଼ା,୧୭।୭(ସମିସ):** କମ୍ବିଂ ଅପରେସନ ବେଳେ ଏକ ମାଓ ଡମ୍ପ ଠାବ କରିଛି କନ୍ଧମାଳ ପୁଲିସ । କୋଟଗଡ଼ ଥାନା ଗୁମ୍ମା ଜଙ୍ଗଲରେ ଏହି ମାଓ ଡମ୍ପ ଠାବ ହୋଇଛି । ଡିଭିଏଫ୍ ସହ ବୋମା ନିଷ୍କ୍ରିୟକାରୀ ଦଳ ୬୦୦ ଡିଟୋନେଟର ଓ ଗୋଟିଏ ରିମୋଟ ଜବତ କରିଛନ୍ତି । ଯବାନଙ୍କୁ ଟାର୍ଗେଟ୍ କରିବାକୁ ନକ୍ସଲମାନେ ଏକ ବଡ଼ ଯୋଜନା କରୁଥିବା ବେଳେ ଏହାକୁ ପଣ୍ଡ କରାଯାଇଛି ।

ସୂଚନାନୁଯାୟୀ, କୋଟଗଡ଼ ଥାନା ଗୁମ୍ମା ଜଙ୍ଗଲରେ ନକ୍ସଲମାନେ ଲୁଚି ରହିଥିବା ନେଇ ଗୁଇନ୍ଦା ସୂଚନା ମିଳିଥିଲା । ଏହାପରେ କନ୍ଧମାଳ ଏସ୍‌ପିଙ୍କ ନେତୃତ୍ୱରେ ଡିଭିଏଫ୍ ବାହିନୀ କମ୍ବିଂ ଅପରେସନ ଆରମ୍ଭ କରିଥିଲେ । ଏହି ସମୟରେ ଜଙ୍ଗଲରେ ଏକ ମାଓ ଡମ୍ପ ଠାବ ହୋଇଥିଲା । ଡିଭିଏଫ୍ ବାହିନୀ ଏବଂ ବୋମା ନିଷ୍କ୍ରିୟକାରୀ ଦଳ ମାଟି ତଳୁ ୬୦୦ ଡିଟୋନେଟର ଓ ଗୋଟିଏ ରିମୋଟ ଉଦ୍ଧାର କରିଛନ୍ତି । ଜଙ୍ଗଲରେ ଏବେ କମ୍ବିଂ ଅପରେସନ ଜାରି ରହିଛି । ଛତିଶଗଡ଼ରେ ନକ୍ସଲ ବିରୋଧି ଅପରେସନ ଜୋରଦାର ହୋଇଛି । ଏଣୁ ପ୍ରାଣ ବିକଳରେ କ୍ୟାଡ଼ର ମାଓବାଦୀମାନେ ଓଡ଼ଶା ମୁହାଁ ହେଉଛନ୍ତି । ଆଉ ଗୋପନ ପାଇଁ ସୀମାନ୍ତ ଜିଲ୍ଲା ଗୁଡ଼ିକରେ ପଶୁଛନ୍ତି । ଏବେ ନିୟମିତ ବ୍ୟବଧାନରେ ମାଓକ୍ୟାମ୍ପ ଠାବ ହେଉଥିବାରୁ ସୀମାନ୍ତ ଅଞ୍ଚଳରେ ମାଓବାଦୀମାନେ ସକ୍ରିୟ ହେଉଛନ୍ତି । ନିଜ ସଂଗଠନକୁ ସଜାଡ଼ିବାକୁ ଉଦ୍ୟମ କରୁଛନ୍ତି ।

## ବଡ଼ ନଦୀରୁ ମୃତଦେହ ଉଦ୍ଧାର

ବେଲଗୁଣ୍ଠା,୧୭ ।୭(ସମିସ): ବେଲଗୁଣ୍ଠା ଥାନା ବଡ଼ନଦୀରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକ ହେଲେ ସ୍ଥାନୀୟଘୁ. ନୁଆଁଗାଆଁର ସନ୍ନ୍ୟାସୀ ପ୍ରଧାନ (୪୦) । ଯୁବକ ଜଣଙ୍କର ପରିବାର ସହ ସୁରତରେ ରହୁଥିଲେ । ତାଙ୍କ ବୃଦ୍ଧା ମା' ଗାଁରେ ଏକୁଟିଆ ରହୁଥିଲେ । ସନ୍ନ୍ୟାସୀ ତିନି ଦିନ ହେବ ଗାଁକୁ ଆସିଥିଲେ । ମଙ୍ଗଳବାର ସନ୍ଧ୍ୟାରେ ଶୌଚ ପାଇଁ ବଡ଼ ନଦୀକୁ ଯାଇଥିଲେ । ଅସାବଧାନତା ବଶତଃ ନଦୀକୁ ଖସି ଯାଇ ଜଳ ସ୍ରୋତରେ ଭାସି ଯାଇଥିବା ସନ୍ଦେହ କରାଯାଉଛି । ବୁଧବାର ନଦୀ ଚଢିଆଲଟାରେ ଜଣେ ଯୁବକଙ୍କ ଶବ ଲାଗିଥିବା ଲୋକେ ଦେଖିଥିଲେ । ବେଲଗୁଣ୍ଠା ଥାନା ଅଧିକାରୀ ରେବତୀ ଶବର, ବେଲଗୁଣ୍ଠା ଥାନା ଏସ୍‌ଆଇ ଅଭୟ ପ୍ରଧାନ ଏବଂ ଭଞ୍ଜନଗର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଦୀପକ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଦମକଳ ବାହିନୀଙ୍କ ସହାୟତାରେ ଶବଟିକୁ କୂଳକୁ ଆଣିଥିଲେ । ପରେ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଛି ।

## ଛତ୍ରପୁର ଉପକଣ୍ଠରେ ଥିବା ଦୁଇ ମନ୍ଦିରରୁ ଚୋରି

ଛତ୍ରପୁର,୧୭ ।୭(ସମିସ): ଛତ୍ରପୁର ଉପକଣ୍ଠରେ ଥିବା ଦୁଇଟି ମନ୍ଦିରରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଗତକାଲି ରାତ୍ରରେ ଛତ୍ରପୁର ଥାନା ଅନ୍ତର୍ଗତ ଉଜ୍ଜଳେଶ୍ୱରୀ ମନ୍ଦିରରୁ ୩ଟି ମୁକୁଟ ସହ ହୁଣ୍ଡିରୁ ଟଙ୍କା ପଇସା ଚୋରି ହୋଇଥିବା ଅଭିଯୋଗ ହୋଇଛି । ଏପରିକି ପୂଜକଙ୍କୁ ମଧ୍ୟ ଦୁର୍ବୃତ୍ତ ମାନେ ଆକ୍ରମଣ କରିଥିବା ଜଣାପଡିଛି । ସେହିପରି ଚମାଖଣ୍ଡି ଥାନା ଅନ୍ତର୍ଗତ ଟାକିରିଆ ବ୍ରହ୍ମପୁର ସ୍ଥିତ କନକଦୁର୍ଗା ମନ୍ଦିରରୁ ମଧ୍ୟ କିଛି ଦୁର୍ବୃତ୍ତ ମନ୍ଦିର ହୁଣ୍ଡୀ ସହିତ ମାଙ୍କ ରୁପା ମୁକୁଟ ଚୋରି କରିଥିବା ନେଇ ଅଭିଯୋଗ ହୋଇଛି । ଘଟଣାର ଖବର ପାଇ ଛତ୍ରପୁର ଓ ଚମାଖଣ୍ଡି ଥାନା ପୁଲିସ ପହଞ୍ଚି ସିସିଟିଭି ଯାଞ୍ଚ କରିବା ସହିତ ଅଧିକ ତଦନ୍ତ ଜାରି ରଖିଛନ୍ତି ।

## ନାବାଳିକାକୁ ଅପହରଣ; ଯୁବକ ଗିରଫ

**ରଙ୍ଗେଇଲୁଣ୍ଡା,୧୭ ।୭(ସମିସ):** ଗୋଳନ୍ଥରା ଥାନା ଅଧୀନ ଏକ ଗ୍ରାମରେ ଜଣେ ନାବାଳିକାକୁ ଅପହରଣ ଓ ଘରେ ରଖିବା ଅଭିଯୋଗରେ ଗୋଳନ୍ଥରା ପୁଲିସ ଗୁରୁବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଯୁବକ ସଦର ଥାନା ଅଧୀନ ରାମଚନ୍ଦ୍ରପୁର ଗାଁର ଜି. କେଶବ ବୋଲି ପୁଲିସ କହିଛି । ଗତ ୮ ମାସ ପୂର୍ବେ କେଶବ ଗୋଳନ୍ଥରା ଥାନା ଅଧୀନ ଏକ ଗ୍ରାମରୁ ଜଣେ ନାବାଳିକାକୁ ବିଭିନ୍ନ ପ୍ରଲୋଭନ ଦେଖାଇ ଅପହରଣ କରି ନେଇ ରାଜ୍ୟ ବାହାରକୁ ଚାଲି ଯାଇଥିଲେ । ଏନେଇ ନାବାଳିକା ପରିବାର ବର୍ଗ ଗୋଳନ୍ଥରା ଥାନାରେ ଅଭିଯୋଗ କରିବା ପରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା ପୁଲିସ । କେଶବ ରାମଚନ୍ଦ୍ରପୁର ନିଜ ମାମୁ ଘରେ ନାବାଳିକାକୁ ରଖିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗୋଳନ୍ଥରା ଥାନା ଅଧିକାରୀ ତଥା ଡ଼ିଏସ୍‌ପି ବିବେକାନନ୍ଦ ସ୍ୱାଇଁ ପୁଲିସ ଟିମ୍ ସହ ଚଢ଼ଉ କରି ନାବାଳିକାକୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଗିରଫ କରିଛନ୍ତି ।

## ପାଗଳା କୁକୁର କାମୁଡ଼ାରେ ୧୪ ଆହତ

**ବେଲଗୁଣ୍ଠା,୧୭ ।୭(ସମିସ):** ଗତ ଦୁଇଦିନ ମଧ୍ୟରେ ବେଲଗୁଣ୍ଠାରେ ଏକ ପାଗଳ କୁକୁର କାମୁଡ଼ାରେ ୧୪ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି । ବୁଧବାର ବେଲଗୁଣ୍ଠାର ଆଳିଆ ସାହି, ନୂଆବନ୍ଧ ଏବଂ ହାଟପଦା ସମେତ ବେଲଗୁଣ୍ଠାକୁ ସଉଦା କିଣିବା ପାଇଁ ବା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଆସିଥିବା ଲୋକଙ୍କୁ ପାଗଳ କୁକୁରଟି ଗୋଡେଇ ଗୋଡେଇ କାମୁଡ଼ି ଥିଲା । ଆହତ ବ୍ୟକ୍ତିମାନେ ହେଲେ ବେଲଗୁଣ୍ଠାର ସାହେବ ଡାକୁଆ, ଦମୟନ୍ତୀ ପାତ୍ର, ହରିହର ଦାସ, ହେମଲତା ପ୍ରଧାନ, ସାଲିମା ବେଗମ୍, ଉଦୟନାଥ ନାୟକ, ହରିକୃଷ୍ଣ ବିଶ୍ୱାଳ, ପଥରାପଲ୍ଲୀର ଲଭଲି ଗୌଡ଼, କେଦାର ନାୟକ, ପ୍ରଦୀପ ନାଇକ, କଳ୍ପତରୁ ନାୟକ, କଲ୍ୟାଣପୁରର ଗୋପୀନାଥ ଜେନା, ଗୁଡିପଲ୍ଲିର ସୁମନ୍ତ ବାଡତ୍ୟା ଏବଂ ଗୋଠଲୁଣ୍ଡାର ହର୍ସଲ୍ ଗୌଡ଼ । ଦୁଇଦିନ ମଧ୍ୟରେ ବେଲଗୁଣ୍ଠାରେ ୧୪ ଜଣ କୁକୁର କାମୁଡା ଇଞ୍ଜେକ୍ସନ ନେଇଥିବା ବେଳେ ଗୁରୁବାର ଉତ୍ତ୍ୟକ୍ତ ଲୋକେ କୁକୁରଟିକୁ ବାଡ଼େଇ ମାରିଦେଇଥିଲେ ।

## ଅଧ୍ୟାପକଙ୍କ ସ୍ମୃତିସଭା

ଜଗନ୍ନାଥପ୍ରସାଦ,୧୭ ।୭(ସମିସ): ଜଗନ୍ନାଥ ପ୍ରସାଦ ଅଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ପ୍ରାଧ୍ୟାପକ ସ୍ୱର୍ଗତ ଭାସ୍କର ଗୌଡ଼ଙ୍କ ସ୍ମୃତିରେ ଶୋକସଭା ଓ ନୀରବ ପ୍ରାର୍ଥନା କରାଯାଇଛି । ସେ ଗତ ମଙ୍ଗଳବାର ଦିନ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ । ଏହି ଅପୂରଣୀୟ ଅନୁପସ୍ଥିତି ପାଇଁ ବିଦ୍ୟାଳୟ ପରିବାର ଅତ୍ୟନ୍ତ ଶୋକାକୁଳ ହୋଇଯାଇଛି । ଶ୍ରୀ ଗୌଡ଼ଙ୍କ ଆତ୍ମାର ଶାନ୍ତି ପାଇଁ ଏବଂ ତାଙ୍କ ପରିବାର ପାଇଁ ଶକ୍ତି କାମନା କରି ଗୁରୁବାର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ଏହି ଶୋକ ସଭାରେ ବିଦ୍ୟାଳୟ ଅଧ୍ୟକ୍ଷ ନୃସିଂହ ଚରଣ ପ୍ରଧାନଙ୍କ ସମେତ ବାଣିଜ୍ୟ ଅଧ୍ୟାପକ ରାଧା ମାଧବ ପ୍ରଧାନ ଏବଂ ବିଦ୍ୟାଳୟର ସମସ୍ତ ଅଧ୍ୟାପକ/ଅଧ୍ୟାପିକା ଏବଂ କର୍ମଚାରୀ ଉପସ୍ଥିତ ରହି ସେଠାରେ ନିରବ ପାର୍ଥନା ଓ ସ୍ମୃତି ଅଭିବ୍ୟକ୍ତି ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ଖରିଫ୍ ବିପଣନ ଲାଗି ୧୯ରୁ ଚାଷୀ ପଞ୍ଜିକରଣ

ଛତ୍ରପୁର,୧୭ ।୭(ସମିସ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଓଡିଶା ସରକାରଙ୍କ ପତ୍ର ଅନୁଯାୟୀ ଆସନ୍ତା ଖରିଫ୍ ବିପଣନ ବର୍ଷ ୨୦୨୫ -୨୬ ନିମନ୍ତେ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ଚଳିତମାସ ୧୯ରୁ ଆରମ୍ଭ ହୋଇ ୨୦ଅଗଷ୍ଟ ପର୍ଯ୍ୟନ୍ତ ଚାଲୁ ରହିବ । ଏଥି ନିମନ୍ତେ ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ଚଳିତ ବର୍ଷ ଚାଷୀ ପଞ୍ଜିକରଣ ସମ୍ପୂର୍ଣ୍ଣ ନୂତନ ଭାବରେ କରାଯିବ ଏବଂ ପୂର୍ବ ବର୍ଷର ନବୀକରଣ କରାଯିବ ନାହିଁ ବୋଲି ଜଣାଇଦିଆଯାଇଛି । ଏହି ପ୍ରକ୍ରିୟାରେ ଚାଷୀ ଭାଇ ଓ ଭଉଣୀ ମାନଙ୍କର ଇ-କେୱାଇସି ଏବଂ ବ୍ୟାଙ୍କ ଖାତା ସହିତ ଆଧାର ସଂଯୋଗୀକରଣ ବାଧ୍ୟତାମୂଳକ ଅଟେ । ତେଣୁ ସମସ୍ତ ଚାଷୀ ମାନେ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ଇ-କେଓ୍ୱାଇସି ଏବଂ ବ୍ୟାଙ୍କ ଖାତା ସହିତ ଆଧାର ସଂଯୋଗୀକରଣ କରି ଚାଷୀ ପଞ୍ଜିକରଣ କରାଇ ନେବାକୁ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ଜଣାଇଛନ୍ତି ।

## ୧୨୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ଉଦ୍‌ଘାଟିତ

ଫୁଲବାଣୀ,୧୭।୭(ସମିସ): କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କ ଫୁଲବାଣୀ ଗସ୍ତ ଅବସରରେ ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କ ଲାଗି ପିଏମ୍‌ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବଇଡ଼ାରେ ବୁଧବାର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଫୁଲବାଣୀ ଆନୁକୂଲ୍ୟରେ ୨କୋଟି ୩୦ଲକ୍ଷ ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ୧୨୦ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଉଦ୍‌ଘାଟନ କରିଥିଲେ । ସାଂସଦଙ୍କ ସହିତ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ



ରବି ନାରାୟଣ ମିଶ୍ର, ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୋମ୍ୟ ରଞ୍ଜନ ପାତ୍ର, ପିଏମ ଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବଇଡ଼ାର ଭାରପ୍ରାପ୍ତ ଅଧକ୍ଷ ଜଗନ୍ନାଥ ପ୍ରଧାନ, ବିଜେପି ଜାତୀୟ ପରିଷଦ ସଦସ୍ୟ ସଞ୍ଜିତ ମଣ୍ଡଳ, ସାଂସଦଙ୍କ ସଂସଦୀୟ କ୍ଷେତ୍ର ପ୍ରତିନିଧି ଦୁର୍ଗା ଆଚାର୍ଯ୍ୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲିଙ୍ଗରାଜ ଦଳବେହେରା, ଫୁଲବାଣୀ ଗ୍ରାମୀଣ ମଣ୍ଡଳ ସଭାପତି ଗୋଲକ ବିହାରୀ କହଁର, ଫୁଲବାଣୀ ନଗର ସଭାପତି ଜଗନ୍ନାଥ ସାହୁ, ବିଧାୟକ ପ୍ରତିନିଧି ଲଳିତ ଦିଗାଲ, ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ସମେତ ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

## ଦିଗପହଣ୍ଡିରେ ଖୋଲିବ ନୂଆ ସବଜଜ୍ କୋର୍ଟ

ଦିଗପହଣ୍ଡି,୧୭ ।୭(ସମିସ): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଠାରେ ନୂଆ ସବ୍‌ଜଜ୍ କୋର୍ଟ ଖୋଲିବା ପାଇଁ ଓଡ଼ିଶା ହାଇକୋର୍ଟ ମଞ୍ଜୁରୀ କରିଛନ୍ତି । ନୂଆ ସବଜଜ୍ କୋର୍ଟ ପାଇଁ ହାଇକୋର୍ଟ ଇତି ମଧ୍ୟରେ ବିଚାରପତି ନିଯୁକ୍ତ କରିଛନ୍ତି । ଗୁରୁବାର ହାଇକୋର୍ଟଙ୍କ ପକ୍ଷରୁ ପ୍ରକାଶିତ ବିଚାରପତି ବଦଳି ତାଲିକା ପ୍ରକାରେ ବର୍ତ୍ତମାନ କଟକ ଜିଲ୍ଲାର ଆଠଗଡ ସବଜଜ୍ ଥିବା ମହାଶ୍ୱେତା ପରିଜାଙ୍କୁ ଦିଗପହଣ୍ଡିର ସବଜଜ୍ ଭାବେ ବଦଳି କରାଯାଇଛି । ଏହି ବଦଳି ଆଦେଶ ପ୍ରକାଶ ପାଇବା ପରେ ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘରେ ଖୁସିର ଲହରୀ ଖେଳିଯାଇଛି । ଦିଗପହଣ୍ଡିରେ ସବଜଜ୍ କୋର୍ଟ ଖୋଲିବା ପାଇଁ ସ୍ଥାନୀୟ ଓକିଲ ସଂଘ ଦୀର୍ଘଦିନରୁ ଦାବି କରି ଆସିବା ସହ ବାରମ୍ବାର ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଦିଗପହଣ୍ଡିରେ ସବଜଜ୍ କୋର୍ଟ ଖୋଲିବା ପରେ ବହୁ ମାମଲାରେ ଅଞ୍ଚଳର ଜନସାଧାରଣ ଆଉ ବ୍ରହ୍ମପୁର ଜିଲ୍ଲା କୋର୍ଟକୁ ଯିବାକୁ ପଡିବ ନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

**ନିଯୁକ୍ତି ପାଇଲେ ବିଚାରପତି**

## ରାଇଖୋଲରେ କର୍କଟ ସଂକ୍ରାନ୍ତି ପାଳିତ

**ଚକାପାଦ,୧୭।୭(ସମିସ):** ଚକାପାଦ ବ୍ଲକ ଶଙ୍କରାଖୋଲ ପଞ୍ଚାୟତ ରାଇଖୋଲ ଗ୍ରାମ ଧର୍ମ ମଣ୍ଡପରେ କର୍କଟ ସଂକ୍ରାନ୍ତି ପାଳନ ସହ ଗ୍ରାମ ବିକାଶ ତରଫରୁ ଚାରାରୋପଣ କରାଯାଇଛି । ଆୟୋଜିତ ଯଜ୍ଞରେ ହରିନାମ, ଘୃତଯଜ୍ଞ, ଜ୍ଞାନଯଜ୍ଞ ଓ ଅନ୍ନଯଜ୍ଞ ହୋଇଥିଲା । ୪୫ ଖଣ୍ଡ ଗାଁର ପୁରୁଷ ଓ ମହିଳା ଏଥିରେ



ସାମିଲ ହୋଇଥିଲେ । ଏଥିରେ ଗଣେଶ୍ୱର ଗୁରୁଜୀ, ଦାଶରଥି ଗୁରୁଜୀ, ସିରାସ୍ତ ମଲ୍ଲିକ, ସୁରେଶନ ମଲ୍ଲିକ, ଅଭିରାମ କହଁର ପ୍ରବଚନ ଦେଇଥିଲେ । ଏଥିସହ ଗ୍ରାମ ବିକାଶ ତରଫରୁ ଚାରାରୋପଣ କରାଯାଇଥିଲା । କମିଟି ସଭାପତି ସିରାସ୍ତ ମଲ୍ଲିକ, ସମ୍ପାଦକ ଅଭିରାମ କହଁର, ପରିଚାଳକ ବିଶ୍ୱନାଥ କହଁର, ଗ୍ରାମ୍ୟ କମିଟି ସଭାପତି ଶଶିଦେବ କହଁର, ସମ୍ପାଦକ ସୁରେଶନ ମଲ୍ଲିକ, ଉପସଭାପତି କବିରାଜ ମଲ୍ଲିକ ଯୋଗ ଦେଇଥିଲେ । ଅଭିରାମ କହଁର ପରିଚାଳନା ଓ ଚନ୍ଦ୍ରଶେଖର କହଁର ଧନ୍ୟବାଦ ଅର୍ପଣ କରିଥିଲେ ।

## ସିଏସ୍‌ଓ ଓ ଯୋଗାଣ ନିରୀକ୍ଷକଙ୍କ ଜାଲ୍ ଦସ୍ତଖତ ଘଟଣା

# ତଦନ୍ତ ଟାଳିବାକୁ ଯୋଗାଣ ବିଭାଗର ଉଦ୍ୟମ

**ଛତ୍ରପୁର,୧୭ ।୭(ସମିସ):** ଅନିୟମିତତା ଭାବେ ହାତେଇଥିବା ପୁରୁଷୋତ୍ତମପୁର ବ୍ଲକ ବାଲିଆ ଗ୍ରାମର ମା' ତାରିଣୀ ରାଇସ୍ ମିଲ୍‌କୁ ଚାଉଳ ପୈଠ ନିର୍ଦ୍ଦେଶର ଖୋଳତାଡ଼ରେ ଜିଲ୍ଲା ତଥା ରାଜ୍ୟ ଯୋଗାଣ ବିଭାଗ କୁଆଡ଼େ ଚାପିବାକୁ ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ ହୋଇଛି । ପୂର୍ବରୁ ମଧ୍ୟ ଏଭଳି ଜାଲିଆତିକୁ ଯୋଗଣ ବିଭାଗର ନିରବଦ୍ରଷ୍ଟତାର ସୁଯୋଗ ନେଇ ଚଞ୍ଚକତାକାରୀ ଆଜି ଯୋଗାଣ ବିଭାଗକୁ ଏତେ ବଡ଼ ଘଟଣାର ସାମ୍ନା କରାଇଦେଇଛନ୍ତି । ବାମ ଗୋଡ଼ି କହୁଣିକୁ ଛୁଇଁବା ଭଳି ଜିଲ୍ଲା ଯୋଗାଣ ବିଭାଗର ଅବସ୍ଥା ସେମିତି ହୋଇପଡିଛି । ଏଣୁ ଏହି ଘଟଣାକୁ ଦାଣ୍ଡରେ ପକାଇବ ନା' ଚାପିଦେବ ତାହାକୁ ନେଇ ଜିଲ୍ଲା ଠୁ ରାଜ୍ୟ ଯୋଗାଣ ବିଭାଗ ପାଇଁ ଏବେ ମୁଣ୍ଡବଥାର କାରଣ ହୋଇପଡିଛି । ଅନ୍ୟପକ୍ଷରେ ଗତ ୧୦ ତାରିଖରେ ଗଞ୍ଜାମ ଜିଲ୍ଲା ମୁଖ୍ୟ ଯୋଗଣ ଅଧିକାରୀ ଭାବେ ଦାୟିତ୍ୱ ନେଇଥିବା ପ୍ରଦ୍ୟୁମ୍ନ କୁମାର ରାଉତରାୟ କହିଛନ୍ତି, ଏହି ଘଟଣା ରାଜ୍ୟ ଯୋଗାଣ ବିଭାଗର ବୈଷୟିକ ପ୍ରତିନିଧି ଦଳ ତଦନ୍ତ କରୁଛନ୍ତି । କିନ୍ତୁ ବର୍ତ୍ତମାନ ସୁଦ୍ଧା ସେମାନଙ୍କ ଠାରୁ କୌଣସି ରିପୋର୍ଟ ମିଳିନାହିଁ । ଜିଲ୍ଲା ଯୋଗାଣ ବିଭାଗ ପାଇଁ ଏହା ବଡ଼ ଘଟଣା ଘଟିଥିଲା । ଏଣୁ ପ୍ରାକ୍ତନ ଭାରପ୍ରାପ୍ତ ମୁଖ୍ୟ ଯୋଗାଣ ଅଧିକାରୀଙ୍କ ରାଜ୍ୟ ଯୋଗାଣ ବିଭାଗକୁ ଅବଗତ କରାଇଛନ୍ତି ତାହାର ତଦନ୍ତ ନିଶ୍ଚିତ ହେବ ବୋଲି ବୈଷୟିକ ପ୍ରତିନିଧି ପକ୍ଷରୁ କୁହାଯାଇଛି । ଏଥିରେ ଯେଉଁମାନେ ଦୋଷୀ ସେମାନେ ନିଶ୍ଚିତ ଭାବେ ଦଣ୍ଡ ପାଇବେ ବୋଲି କହିଛନ୍ତି ।

**ଡେଲିଭରୀ ସାର୍ଟିଫିକେଟ୍ ମା' ତାରିଣୀ ରାଇସ୍ ମିଲ୍‌କୁ ମିଳିଲା କିପରି**

ସୂଚନାନୁସାରେ, ମା' ତାରିଣୀ ରାଇସ୍ ମିଲ ଗଞ୍ଜାମ ଜିଲ୍ଲା ଭାରପ୍ରାପ୍ତ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ଜାଲ୍ ଦସ୍ତଖତ ଥିବା ଡିପରେ ଚାଉଳ ପୈଠ କରିବାକୁ ଡେଲିଭରି ସାର୍ଟିଫିକେଟ୍ ହାତେଇଥିଲା । ଏହି ଘଟଣା ସମ୍ପର୍କରେ ପ୍ରାକ୍ତନ ଭାରପ୍ରାପ୍ତ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ପୁଷ୍ପା ମୁଣ୍ଡା ଜାଣିବା ପରେ ମା' ତାରିଣୀ ରାଇସ୍ ମିଲ୍ ଡିପୋରେ ଚାଉଳ ପୈଠକୁ ବାତିଲ କରିଥିଲେ । ନିଜର ଦସ୍ତଖତକୁ ନେଇ କିଏ କିପରି ଏଭଳି ଏକ ଜଘନ୍ୟ କାର୍ଯ୍ୟ କରିଛି ସେଥିଲାଗି ସେ ସଂପୃକ୍ତ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଦକ୍ଷେପ ନେଇଥିଲେ ଏବଂ ଏ ସଂକ୍ରାନ୍ତରେ ଗତ ୨ ତାରିଖରେ ସେ ଓଡ଼ିଶା ରାଜ୍ୟ ଯୋଗାଣ ବିଭାଗର ପରିଚାଳନା ନିର୍ଦ୍ଦେଶକଙ୍କୁ ପତ୍ର ସଂଖ୍ୟା ୪୦୨୮ ଅଧାରରେ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ । ଏହି ପତ୍ର ମାଧ୍ୟମରେ ବିଭିନ୍ନ ଜାଲି ନଥିପତ୍ର ମଧ୍ୟ ସଂଲଗ୍ନ କରାଯାଇଥିଲା । ସେଥିରେ କାର୍ଯ୍ୟାଳୟରେ ୨ ଜଣ କାମ କରୁଥିବା କର୍ମଚାରୀଙ୍କ ନା' ମଧ୍ୟ ଦର୍ଶାଇ ସେମାନଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତକୁ ନେବା ନିମନ୍ତେ ଅବଗତ କରାଇଥିଲେ । ଗଞ୍ଜାମ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ଅଭିଯୋଗ ଅନୁସାରେ ୨୦୨୪-୨୫ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବା ମା' ତାରିଣୀ ରାଇସ୍ ମିଲ ଡପୋରେ ଚାଉଳ ପୈଠ କରିବା ପାଇଁ ଯେଉଁ ଫୌଜଦାରୀ ଭାବେ ଜାଲ୍ ପ୍ରମାଣପତ୍ର ପାଇଛନ୍ତି ତାହା କିଏ ଏବଂ କେଉଁ ପ୍ରକାରେ ପ୍ରାପ୍ତ କରିଛନ୍ତି ତାହାର ଟିକିନିଖି ତଦନ୍ତ କରିବା ନିମନ୍ତେ ରାଜ୍ୟ (ଧାନ ସଂଗ୍ରହ) ମହାପ୍ରବନ୍ଧକଙ୍କ ତରଫରୁ ରାଜ୍ୟ ଖାଦ୍ୟ ଓ ଯୋଗାଣ ବିଭାଗର ପ୍ରୋଜେକ୍ଟ ମ୍ୟାନଜରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ହେଲେ ଘଟଣାର ୧୫ ଦିନ ବିତିଯାଇଥିଲେ ମଧ୍ୟ ଜିଲ୍ଲା ତଥା ରାଜ୍ୟ ଯୋଗାଣ ବିଭାଗ ପକ୍ଷରୁ ତଦନ୍ତରେ ପାଦଟିଏ ମଧ୍ୟ ଆଗେଇ ନଥିବା ଯୋଗୁଁ ଗଞ୍ଜାମ ଜିଲ୍ଲାର ବାକି ରାଇସ୍ ମିଲ୍‌ଙ୍କ ମଧ୍ୟରେ ଏକ ପ୍ରକାର ଭାଳେଣି ସୃଷ୍ଟି ହୋଇଛି । ଏହି ଘଟଣାରେ ତଦନ୍ତ ପାଇଁ ଯେଉଁ ଅଧିକାରୀ ପଦକ୍ଷେପ ନେଇଥିଲେ ସେ ଭଜିଲାନ୍ସ ଜାଲରେ ପଡିଥିବା ବେଳେ ଘଟଣାର ତଦନ୍ତ ଶିଥିଳତା ପଡ଼ିଯାଇଛି ।

ଅପରପକ୍ଷେ ବାରମ୍ବାର ମା' ତାରିଣୀ ନାମକ ଗୋଟିଏ ନିର୍ଦ୍ଦିଷ୍ଟ ରାଇସ୍ ମିଲ୍ ମାଲିକକୁ ବିନା ଅନୁସନ୍ଧାନରେ କିପରି ଏଭଳି ଚାଉଳ ପୈଠ କରିବା ପାଇଁ ଡେଲିଭରି ସାର୍ଟିଫିକେଟ୍ ମିଳୁଥିଲା ବୋଲି ଏବେ ବଡ ପ୍ରଶ୍ନ ଉଠୁଛି । ଗୋଟିଏ ରାଇସ୍ ମିଲ୍‌କୁ ଡିପରେ ଚାଉଳ ପୈଠ କରିବାକୁ ହେଲେ ସେ ପ୍ରଥମେ ଯୋଗାଣ ନୀରିକ୍ଷକଙ୍କ ଠାରୁ ଏକ ଅନୁସନ୍ଧାନ ସାର୍ଟିଫିକେଟ୍ ଆଣିବାକୁ ହେବ ଏବଂ ପରେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ଠାରୁ ଡେଲିଭରି ସାର୍ଟିଫିକେଟ୍ ମିଳିବା ପରେ ଡିପରେ ସଂପୃକ୍ତ ରାଇସ୍ ମିଲ୍ ଚାଉଳ ପୈଠ କରିବା ପାଇଁ ଅନୁମତି ମିଳିଥାଏ । କିନ୍ତୁ ଏଠି ଯୋଗାଣ ନୀରିକ୍ଷକ ଏବଂ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ଅଜ୍ଞାତସାରରେ ମା'ତାରାତାରିଣି ରାଇସ୍ ମିଲ୍‌କୁ ଡିପରେ ଚାଉଳ ପୈଠ କରିବା ପାଇଁ ଅନୁମତି ମିଳିଥିଲା । ହସ୍ତଗତ ହୋଇଥିବା ଡେଲିଭରି ସାର୍ଟିଫିକେଟ୍‌ରେ ୧୩ ହଜାର ୯୨୦ ବ୍ୟାଗ୍ ତଥା ୬୯୬୦ କ୍ୱିଣ୍ଟାଲ ଚାଉଳ ଡିପରେ ପୈଠ କରିବା ପାଇଁ ଅନୁମତି ଥିଲା । ବିନା ସୀକୃତି ତଥା ଜାଲିଆତି କରି ଡିପରେ ଚାଉଳ ପୈଠ କରିବା ପାଇଁ ହସ୍ତଗତ ହୋଇଥିବା ପ୍ରମାଣପତ୍ର କିପରି କେଉଁଠି ଏବଂ କିଏ ପ୍ରଦାନ କରିଥିଲା ଏହାର ର୍‌ୟାକେଟ୍ ଖୋଜି ବାହାର କରିବା ପାଇଁ ଜିଲ୍ଲାଠୁ ରାଜ୍ୟ ପର୍ଯ୍ୟନ୍ତ ଅଧିକାରୀଙ୍କ ପାଇଁ ଏବଂ ବଡ ଚ୍ୟାଲେଞ୍ଜ୍ ରହିଛି ।



# ଓଡ଼ିଶା ବନ୍ଦ: ସର୍ବତ୍ର ପଡ଼ିଲା ପ୍ରଭାବ















ପାରଳାଖେମୁଣ୍ଡି, ୧୭ ।୭ (ସମିସ)

ବାଲେଶ୍ୱରସ୍ଥିତ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟଶ୍ରୀ ବିଶିଙ୍କ ଆତ୍ମାହୂତିକୁ କେନ୍ଦ୍ର କରି କଂଗ୍ରେସ ସମେତ ଆଠଟି ରାଜନୈତିକ ଦଳ ଓଡ଼ିଶା ବନ୍ଦ ଡାକରା ଦେଇଥିଲେ। ପାରଳାଖେମୁଣ୍ଡିରେ ଏହାର ବେଶ ପ୍ରଭାବ ପଡ଼ିଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯାଇଥିଲା। ଏହି ସମୟରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିବା ବେଳେ ୧୨ ଘଣ୍ଟିଆ ବନ୍ଦକୁ ସମସ୍ତେ ଏକଜୁଟ ହୋଇ ସମର୍ଥନ କରିଥିଲେ। ଏଥିଯୋଗୁଁ ସହରର ସମସ୍ତ ଦୋକାନ ବଜାର, ପେଟ୍ରୋଲ ପମ୍ପ, ବ୍ୟାଙ୍କ, ପୋଷ୍ଟ ଅଫିସ ଆଦି ସମେତ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିଲା। ମୋହନା ବିଧାୟକ ତଥା ଜିଲ୍ଲା କଂଗ୍ରେସ ସଭାପତି ଦାଶରଥି ଗମାଙ୍ଗଙ୍କ ନେତୃତ୍ୱରେ ପାରଳାଖେମୁଣ୍ଡି ସହରର ବିଭିନ୍ନ ସ୍ଥାନରେ ଜୋରଦାର ପିକେଟିଂ କରାଯାଇଥିଲା। ଏହା ସହ ଟାୟାର ଜାଳି ରାସ୍ତାରୋକ କରାଯିବା ସହ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ସମସ୍ତେ ଏକ ସ୍ୱରରେ ଛାତ୍ରୀଙ୍କୁ ନ୍ୟାୟ ଦେବାକୁ ଦାବି କରିଥିଲେ। କଂଗ୍ରେସ ନେତୃତ୍ୱରେ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ସହିତ ଅନ୍ୟାନ୍ୟ ବିରୋଧୀ ଦଳ 'ଛାତ୍ରୀଙ୍କୁ ନ୍ୟାୟ ଦିଅ ନହେଲେ ଗାଦି ଛାଡ଼' ବୋଲି ସ୍ଲୋଗାନ ଦେଇଥିଲେ। ସିପିଆଇ(ଏମ୍‌ଏଲ୍) ଲିବରେସନ ଏବଂ ସିପିଆଇ(ଏମ୍)ର କର୍ମୀ ବନ୍ଦ ପାଳନରେ ସାମିଲ ହୋଇଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କାରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତିଙ୍କ ନେତୃତ୍ୱରେ ସହରର ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ କରାଯାଇଥିଲା।

**ଫିରିଙ୍ଗିଆ:** ସେହିପରି ଫିରିଙ୍ଗିଆ ବ୍ଲକ କଂଗ୍ରେସ କମିଟି ତରଫରୁ ରାସ୍ତାରୋକ କରାଯାଇଥିଲା। କଂଗ୍ରେସ କର୍ମୀ ଫିରିଙ୍ଗିଆ ବ୍ଲକ ଛକରେ କାଠ ପକାଇ ଦଳୀୟ ପତାକା ଲଗାଇ ରାସ୍ତାରୋକ କରିଥିଲେ। ଫିରିଙ୍ଗିଆ ବ୍ଲକ କଂଗ୍ରେସ କମିଟିର ବରିଷ୍ଠ କର୍ମୀ ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ କୃପାସିନ୍ଧୁ ବିଶୋଇ, ପୂର୍ବତନ ଜିଲ୍ଲା ସଭାପତି ଅନାମ ନାୟକ, କଂଗ୍ରେସ କର୍ମୀ ନିଇରୁତ ଦିଗାଲ, ଲଛମନ ଦିଗାଲ, ପାଉଲ ଦିଗାଲ, ଗୋକୁଳ କହଁର, ବରିଷ୍ଠ କର୍ମୀ ମହେନ୍ଦ୍ର ମଲିକ, ପୂର୍ଣ୍ଣଚନ୍ଦ୍ର ଦିଗାଲ, ଦିଲୀପ ଦିଗାଲଙ୍କ ସହ ବହୁ କଂଗ୍ରେସ କର୍ମୀ ବନ୍ଦରେ ସାମିଲ ହୋଇଥିଲେ। ବନ୍ଦର ପ୍ରଭାବ ବ୍ଲକରେ ମଧ୍ୟ ପଡ଼ିଥିଲା। ସମସ୍ତ ଦୋକାନ ବଜାର ବନ୍ଦ ରହିଥିବା ବେଳେ ରାସ୍ତା ଶୁନ୍‌ଶାନ୍ ହୋଇଯାଇଥିଲା। ଲକ୍ଷ୍ମୀ ବସ୍ ସକାଳୁ ନିଜ ରୁଟରେ ଯାଇଥିବାରୁ କଂଗ୍ରସ କର୍ମୀ ଅସନ୍ତୋଷ ପ୍ରକାଶ କରିଥିଲେ। କିଛି ସମୟ ପାଇଁ ବ୍ଲକ ଛକରେ ଅଟକ ରଖିବା ପରେ ବସ ଫିରିଙ୍ଗିଆରେ ଅଟକି ରହିଥିଲା। ଆଇନଶୃଙ୍ଖଳା ଦୃଷ୍ଟିରୁ ଫିରିଙ୍ଗିଆ ପୁଲିସ ଛକରେ ଜଗି ରହିଥିବା ବେଳେ ପୁଲିସ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ କିଛି ସମୟ ପାଇଁ ଗାଡି ଛାଡିବାକୁ ନେଇ ପ୍ରବଳ ପାଟି ତୁଣ୍ଡ ହୋଇଥିଲା।

**ରାଇକିଆ :** ରାଇକିଆ ବ୍ଲକରେ ଯାନବାହାନ ଚଳାଚଳ ଏବଂ ଦୋକାନ ବଜାର ବନ୍ଦ ରହିଥିବାବେଳେ ବିଭିନ୍ନ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ମଧ୍ୟ ବନ୍ଦ ରହିଥିଲା। କଂଗ୍ରେସ କର୍ମୀ ଓ ସମର୍ଥକ ଶୋଭାଯାତ୍ରା କରିବା ସହ ରାଜ୍ୟ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରି ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦେବାକୁ ଦାବି କରିଥିଲେ।

**ମୋହନା :** ମୋହନାରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। କଂଗ୍ରେସ କର୍ମୀ ସ୍ଥାନୀୟ କଲେଜ ଛକ ଓ ହାଇସ୍କୁଲ ଛକରେ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ବନ୍ଦ ଡାକରା ଯୋଗୁଁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିବା ବେଳେ ଜରୁରୀ କାମରେ ଲୋକେ ଚାଲି ଚାଲି ଯାଇଥିଲେ। ମୋହନାରେ ବ୍ଲକ କଂଗ୍ରେସ କମିଟି ସଭାପତି ରମେଶ ବିଷୋୟୀ, ବରିଷ୍ଠ କଂଗ୍ରେସ ନେତା ବାଳକୃଷ୍ଣ ମଲିକ ଓ ସୂର୍ଯ୍ୟ ନାରାୟଣ ପାଳଙ୍କ ନେତୃତ୍ୱରେ ବନ୍ଦ ପାଳନ ହୋଇଥିଲା। ଚନ୍ଦ୍ରଗିରିରେ ବରିଷ୍ଠ କଂଗ୍ରେସ ନେତା ଯାକବ ମାଝୀ ଓ ଲକ୍ଷ୍ମଣ ବଲିୟାରସିଂଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ଅପରାହ୍ନ ୫ଟାରେ ରାସ୍ତା ଅବରୋଧ ହଟିବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା।

**ବାଲିଗୁଡ଼ା :** ବାଲିଗୁଡ଼ା ଓ ଆଖପାଖ ଅଞ୍ଚଳରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ସମସ୍ତ ସରକାରୀ, ବେସରକାରୀ ସ୍କୁଲ, କଲେଜ, ଗମନାଗମନ, ଦୋକାନ ବଜାର, ପେଟ୍ରୋଲ ପମ୍ପ, ବ୍ୟାଙ୍କ ବନ୍ଦ ଥିବା ବେଳେ ଔଷଧ ଦୋକାନ, ଆମ୍ବୁଲାନ୍ସ ଭଳି ଜରୁରୀ ସେବା ଚାଲୁ ରହିଥିଲା। ବାଲିଗୁଡ଼ା କଂଗ୍ରେସ ପକ୍ଷରୁ ନେତାମାନେ ରାଜ୍ୟ ସରକାରଙ୍କ ଅପାରଗତା ବିରୋଧରେ ନାରା ବାଜି ଦେଇଥିଲେ। ବନ୍ଦକୁ ବାଲିଗୁଡ଼ା ଘରୋଇ ମଟର ଚାଳକ ସଂଘ, ଅଟୋ ଚାଳକ ସଂଘ, ବ୍ୟବସାୟୀ ସଂଘ, କ୍ଷୁଦ୍ର ବ୍ୟବସାୟୀ ସଂଘ ସମର୍ଥନ କରିଥିବା ବାଲିଗୁଡ଼ାର ଯୁବ କଂଗ୍ରେସ ନେତା ଡ଼. ବିଚିତ୍ରା ନନ୍ଦ ଆଚାର୍ଯ୍ୟ କହିଛନ୍ତି।

**ଜି.ଉଦୟଗିରି:** ଜି.ଉଦୟଗିରି ସହର ତଥା ବ୍ଲକରେ ବନ୍ଦର ଜୋରଦାର ପ୍ରଭାବ ଦେଖିବାକୁ ମିଳିଛି। ସକାଳୁ ବଜାର ବନ୍ଦ ଥିଲା, ବ୍ୟବସାୟୀ ସ୍ୱଇଚ୍ଛାରେ ଦୋକାନ ବନ୍ଦ ରଖିଥିଲେ। ରାସ୍ତାରେ ଯାତାୟାତ ମଧ୍ୟ କମ ଥିଲା। ବନ୍ଦକୁ ସମର୍ଥନ କରି କଂଗ୍ରେସ କାର୍ଯ୍ୟକର୍ତ୍ତା ରାଲି କରିଥିଲେ। ଜି.ଉଦୟଗିରି ବିଧାୟକ ପ୍ରଫୁଲ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିଧାୟକ ପ୍ରତିନିଧି ମଧୂଳିନା ଦିଗାଲ, କାଉନସିଲର ଯାକେସ ପ୍ରଧାନ, ପୂର୍ବତନ ନଗର ସଭାପତି ଗଗନ ପ୍ରଧାନ, ପୂର୍ବତନ ବ୍ଲକ ସଭାପତି ଟାର୍ଜନ ସାହୁ, ବରିଷ୍ଠ କର୍ମୀ ଥୋମାସ ପ୍ରଧାନ, ତାଲାରିମାହା ସମିତିସଭ୍ୟ ଉମେଶ ପ୍ରଧାନ, ଯୁବନେତା ସଶାନନ୍ଦ ପ୍ରଧାନ, ସମେତ ଅନେକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ। ଜି .ଉଦୟଗିରି ସହରରେ ଥିବା ସମସ୍ତ ସ୍କୁଲ୍ କଲେଜ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସବୁ ବୁଲି ବୁଲି ବନ୍ଦ କରିଥିଲେ କଂଗ୍ରେସ କର୍ମୀ। ବନ୍ଦକୁ ସମସ୍ତେ ସହଯୋଗ କରିଥିଲେ। ଅଟୋ ସଂଘ ମଧ୍ୟ ସହଯୋଗ କରିଥିଲା। ଯାନବାହାନ ଚଳାଚଳ ବନ୍ଦ୍ ରହିଥିଲା।

**ଦାରିଙ୍ଗବାଡି:** ଦାରିଙ୍ଗବାଡିରେ ବନ୍ଦ ସଫଳ ହୋଇଛି। ଦାରିଙ୍ଗବାଡି ବ୍ଲକ ସଭାପତି ସନ୍ତୋଷ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବନ୍ଦ ପାଳନ କରାଯାଇଥିଲା। ଜି.ଉଦୟଗିରି ବିଧାୟକ ପ୍ରଫୁଲ ଚନ୍ଦ୍ର ପ୍ରଧାନ ଓ ବରିଷ୍ଠ କଂଗ୍ରେସ ନେତା ଅମୀର ଚାନ୍ଦ ନାୟକ ଦାରିଙ୍ଗବାଡିରେ ପହଞ୍ଚି କର୍ମୀଙ୍କ ସହ ବନ୍ଦ ପାଳନରେ ସାମିଲ ହୋଇଥିଲେ। ବନ୍ଦ ପାଳନରେ ସମ୍ପାଦକ ଶରତ ଚନ୍ଦ୍ର ପ୍ରଧାନ, ବରିଷ୍ଠ କଂଗ୍ରେସ କର୍ମୀ ସୁରେନ୍ଦ୍ର ସାହୁ, ବିଦ୍ୟାଧର ମଲିକ, ଅମନ ନାୟକ, ଯୁବ ନେତା ଆନସ ପ୍ରଧାନ, ପ୍ରମୋଦ ଦିଗାଲ, ଶରତ ପ୍ରଧାନ, ବାପୁଜି ଦିଗାଲ, ନାଗେଶ୍ୱର ପ୍ରଧାନ, ତିଆଡ଼ି ନାୟକ, ପ୍ରଭଞ୍ଜନ ନାୟକ, ବିଘ୍ନେଶ୍ୱର ନାୟକଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। କଂଗ୍ରେସ କର୍ମୀ ସୁରେନ୍ଦ୍ର ସାହୁ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ପ୍ରଧାନଙ୍କୁ କୌଣସି କାରଣରୁ ଗୋ ବ୍ୟାକ୍ କହିବାରୁ କିଛି ସମୟ ପାଇଁ ଦଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ବନ୍ଦ ପାଳନକୁ ଅଞ୍ଚଳବାସୀ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ।

**ବ୍ରାହ୍ମଣୀଗାଁ:** ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁରେ ବନ୍ଦ ପାଳନ କରାଯାଇଥିଲା। କଂଗ୍ରେସର ଅମିରଚାନ୍ଦ ନାୟକ, ମାରିଆନ ସିଂ, ଅନନ୍ତ ବିଷୋୟୀ, କାହ୍ନୁ ଚରଣ ପାତ୍ର, ନରେଶ ବିଷୋୟୀ, ସୁବ୍ରତ ବିଷୋୟୀ, ରାଜା ରଣ ସିଂ, ରଞ୍ଜିତ ପରିଛା, ଚିତ୍ରସେନ କାର୍ଜି, ରୁଦା ମଲିକ, ନମିତା ପରିଡ଼ା ଏବଂ ସ୍ୱେଚ୍ଛାସେବୀ କୁକୁ ମନ୍ତ୍ରୀ ବନ୍ଦ ପାଳନରେ ସାମିଲ ହୋଇଥିଲେ। ଅପରାହ୍ନ ୫ ଟାରେ ଏକ କ୍ୟାଣ୍ଡଲେ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହି ଶୋଭା ଯାତ୍ରାରେ ଶତାଧିକ ପୁରୁଷ ଓ ମହିଳା ମୃତା ଛାତ୍ରୀଙ୍କୁ ନ୍ୟାୟ ଦାବିରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ।

**ଟିକାବାଲି:** ଟିକାବାଲିରେ ଘୁ.ଉଦୟଗିରି ବିଧାୟକ ପ୍ରଫୁଲ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ ଦାସ, ଜିଲ୍ଲା ଯୁବ ସଭାପତି ଚନ୍ଦନ ପଣ୍ଡା, ରାଜୀବଗାନ୍ଧୀ ସେବା ଦଳ ଜିଲ୍ଲା ସଭାପତି ଗୋକୁଳ ପ୍ରଧାନ, ବିଧାୟକ ପ୍ରତିନିଧି ସାରଙ୍ଗଧର କହଁର, ପ୍ରତିନିଧି ଅଭିରାମ ଡିଗାଲ, ବ୍ଲକ କଂଗ୍ରେସ ସମ୍ପାଦକ ଅନନ୍ତ କୁମାର ସାହୁ, ମଣ୍ଟୁ ଭୋଇ, ଟିଙ୍କୁ ଭୋଇ, ଜ୍ୟୋତିରଞ୍ଜନ ଭୋଇ, ସୁମନ ବେହେରା, ନାଏବ ସରପଞ୍ଚ ବିରୁପାକ୍ଷ ନାୟକ, ରାଜୁରଞ୍ଜନ ନାୟକ, ମହାଦେବ ଡିଗାଲ, ପ୍ରଫୁଲ ଡିଗାଲଙ୍କ ସମେତ ଶତାଧିକ କଂଗ୍ରେସ କର୍ମି ବନ୍ଦରେ ସାମିଲ ହୋଇଥିଲେ। ଆଜି ସକାଳ ଛ ଘଣ୍ଟା ଠାରୁ କର୍ମୀ ପିକେଟିଂ କରି ଦୋକାନ ବଜାର ଏବଂ ଯାନବାହାନ ଚଳାଚଳ ବନ୍ଦ କରିଥିଲେ। ବନ୍ଦକୁ ବଣିକ ସଂଘ ସହ ଅନ୍ୟ ସଂଘ ସମର୍ଥନ କରିଥିଲେ।

**ରାୟଗଡ଼:** କଂଗ୍ରେସର ବାର ଘଣ୍ଟିଆ ବନ୍ଦ ଡାକରା ଫଳରେ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକରେ ସାମାନ୍ୟ ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଥିଲା। କିଛି କଂଗ୍ରେସ କର୍ମୀ ଏକତ୍ର ହୋଇ ରାୟଗଡ଼ ବ୍ଲକ ସଦର ମହକୁମା ଠାରେ ଉଭୟ ପଟୁ ବ୍ୟାରିକେଡ଼ ଲଗାଇ ଜାତୀୟ ରାଜପଥବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କରି ଚାରିଚକିଆ ଯାନ ଆଦି ଅଟକାଇଥିଲେ। କିନ୍ତୁ ଦୁଇଚକିଆ ଯାନ ଚଳାଚଳ କରୁଥିବା ବେଳେ ଦୋକାନ ବଜାର ଖୋଲା ଥିଲା। ମଧ୍ୟାହ୍ନରେ କଂଗ୍ରେସ ଓ ବାମପନ୍ଥୀ କର୍ମୀ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ଓ ଶିକ୍ଷାନୁଷ୍ଠାନ ଆଦିକୁ ଯାଇ ପ୍ରତିବାଦ କରିବାରୁ ସେସବୁକୁ ବିଳମ୍ବରେ ହେଲେ ମଧ୍ୟ ବନ୍ଦ କରାଯାଇଥିଲା।

## ନୂଆକେରାଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପାରଳାଖେମୁଣ୍ଡି, ୧୭ ।୭ (ସମିସ): ଗୋଷାଣି ବ୍ଲକ ନୂଆକେରାଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଗୋଷାଣି ଗୋଷ୍ଠୀ ଶିକ୍ଷାଧିକାରୀ ସୀତାରାମ ପାତ୍ର ଯୋଗ ଦେଇଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲିଙ୍ଗରାଜ ପାତ୍ର ଅଧ୍ୟକ୍ଷତା କରିଥିଲେ।



ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ଏସ୍. ସୋମଶେଖର ରାଓ, ସିଆରସିସି ସିଏଚ୍. ଗୌରୀ, ଏସ୍‌ଏମସିର ଉପସଭାପତି ଜୟକୃଷ୍ଣ ଜେନା, ବରିଷ୍ଠ ଶିକ୍ଷକ ଅମୂଲ୍ୟ ପାଣିଗ୍ରାହୀ, ପାରଳାଖେମୁଣ୍ଡି ସ୍ଥିତ ଗାନ୍ଧୀସ୍ମୃତି ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏସ୍. ତିରୁପତି, ରଣିକିରାଜପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ୱାଇ. ଦୀଲ୍ଲେଶ୍ୱର ରାଓ, ଓ ନୂଆକେରାଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏମ୍. ରବିକୁମାର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀ ପାତ୍ର ଓ ଉପସଭାପତି ଶ୍ରୀ ଜେନାଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## କଳିଙ୍ଗ ମହାବିଦ୍ୟାଳୟରେ ଆଇସିସି କମିଟି ଗଠିତ

ଜି.ଉଦୟଗିରି, ୧୭।୭ (ସମିସ): ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ କଳିଙ୍ଗ ମହାବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରାଯାଇଛି। ଏଥିରେ ଅଧାପିକା ସୁପ୍ରିୟା ମହାନ୍ତି ସଂଯୋଜିକା ଥିବାବେଳେ ଅଧାପିକା ଅନିତା ପଟ୍ଟନାୟକ, ଡ. ରାଜେଶ୍ ବାଗ୍, ରବିନ୍ କୁମାର ପାଢ଼ୀ, ସୂରଜ କୁମାର ପ୍ରଧାନ, ଆଇନଜୀବୀ ପୁଷ୍ପଶ୍ରୀ ରାଉତରାୟ, ପୁଷ୍ପମିତ୍ରା ଦେବୀ, ସାମାଜିକ କର୍ମୀ ସସ୍ମିତା ଜେନା, ଛାତ୍ରଛାତ୍ରୀ ପ୍ରତିନିଧି ଭାବେ ଅସିତ୍ କୁମାର ଦିଗାଲ ଏବଂ ମୋନାଲିସା ବେହେରା ସଭ୍ୟ ରହିଛନ୍ତି। ଅପରପକ୍ଷରେ ଅଧ୍ୟକ୍ଷ ପ୍ରସନ୍ନ କୁମାର ନାୟକଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟରେ ଯୌନ ନିର୍ଯାତନା ପ୍ରତିହତ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏକ ସଭାର ଆୟୋଜନ



କରାଯିବା ସହିତ ସ୍ୱର୍ଗତା ଛାତ୍ରୀ ସୌମ୍ୟାଶ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା।

## 'ଅନ୍ତର୍ଜାତୀୟ ମାନବାଧିକାର ରକ୍ଷକ'ର ଜିଲ୍ଲା କାର୍ଯ୍ୟାଳୟ ଉଦ୍‌ଘାଟିତ

ଜି.ଉଦୟଗିରି, ୧୭।୭ (ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନୂତନ ହାଟପଦାରେ ସ୍ୱେଚ୍ଛାସେବୀ ସଙ୍ଗଠନ ଅନ୍ତର୍ଜାତୀୟ ମାନବାଧିକାର ରକ୍ଷକର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଏହାର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ମୀନକେତନ ପଟ୍ଟନାୟକ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଶ୍ରୀ ପଟ୍ଟନାୟକ ଯୋଗଦେଇ ସମାଜରେ ସମତା, ନ୍ୟାୟ ଓ ଶାନ୍ତି ବଜାୟ ରଖିବାକୁ ମାନବାଧିକାର ରକ୍ଷକ କର୍ମୀ କାମ କରୁଛନ୍ତି। ଜନସାଧାରଣ ନିଜ ଅଧିକାର ସମ୍ପର୍କରେ ସଚେତନ କରାଇବା କାମ ଏହି ସଂସ୍ଥା କରୁଛି। ଏହାକୁ ଅଧିକରୁ ଅଧିକ ସଚେତନ କରାଇବାର ଆବଶ୍ୟକତା ରହିଛି ବୋଲି



କହିଥିଲେ। କନ୍ଧମାଳ ଜିଲ୍ଲା ସଭାପତି ପୁରସ୍ତମ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଜିଲ୍ଲା ସମ୍ପାଦକ ମାଜିରା ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସୁସ୍ମିତା ଜେନାଙ୍କୁ ନୂତନ ଜିଲ୍ଲା ମହିଳା ସଭାନେତ୍ରୀ ଓ ସାମ୍ବାଦିକ ରାମକୃଷ୍ଣ ଚୌଧୁରୀଙ୍କୁ ଜିଲ୍ଲା ସହସମ୍ପାଦକ ମନୋନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂସ୍ଥାର ବ୍ରାଣ୍ଡ ଆମ୍ବାସିଡର୍ ମାନସୀ ପଟ୍ଟନାୟକ, ଜାତୀୟ ଯୁଗ୍ମ ସମ୍ପାଦକ ପବନ କୁମାର ପଟ୍ଟନାୟକ ଅବିନାଶ ସାମନ୍ତରାୟ ଉପସ୍ଥିତ ଥିଲେ। ଶେଷରେ ବ୍ଲକ ସଭାପତି ବାସୁଦେବ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ।

### କଟିଙ୍ଗିଆ ଆଶ୍ରମ ବିଦ୍ୟାଳୟରେ କେରଳ ଢ଼ାଞ୍ଚା ଶ୍ରେଣୀ ଗୃହ

## ଆଗ ଧାଡ଼ି ଛାତ୍ରଛାତ୍ରୀ ହେଲେ ସମସ୍ତେ

ଜି.ଉଦୟଗିର, ୧୭।୭ (ସମିସ)

ଶିକ୍ଷାନୁଷ୍ଠାନରେ ଆଗ ଧାଡ଼ିରେ ବସିବା ଛାତ୍ର ଛାତ୍ରୀଙ୍କ ପାଇଁ ବହୁ ଗୁରୁତ୍ୱ ରଖିବା ସହ ମନରେ ପକାଇଥାଏ ଅନେକ ସକାରାତ୍ମକ ପ୍ରଭାବ। ସବୁ ଛାତ୍ରୀଛାତ୍ର ମାନଙ୍କ ଆଗରେ ବସିବାକୁ ଇଚ୍ଛା ରହିଥିଲେ ମଧ୍ୟ ଏହା ସମ୍ଭବ ହୋଇପାରୁନଥିଲା। ଏବେ କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ କଟିଙ୍ଗିଆ ଆଶ୍ରମ ବିଦ୍ୟାଳୟରେ ଶ୍ରେଣୀରେ ନିଆରା ଶୈଳୀରେ ପିଲାଙ୍କୁ ବସାଇ ଶ୍ରେଣୀ ଶିକ୍ଷାଦାନ କରାଯାଉଛି। ଆଉ କେହି ପଛ ବେଞ୍ଚରେ



ବସିବେ ନାହିଁ ସେଥିପାଇଁ ବିଦ୍ୟାଳୟର ଶିକ୍ଷକ ଦୁଷ୍ମନ୍ତ କୁମାର ବେହେରା ସବୁ ପିଲାଙ୍କୁ ଇଂରାଜୀ ଅକ୍ଷର ୟୁ ଆକାରରେ ବସାଇ ସମ୍ମୁଖରେରେ ନିଜେ ଶିକ୍ଷକ ରହି ସହଜରେ ଶିକ୍ଷାଦାନ କରୁଛନ୍ତି। ଏକ ମାଲାୟାଲାମ ଫିଲ୍ମ 'ସ୍ଥାନାର୍ଥୀ ଶ୍ରୀକୁଟାନ'ରୁ ତଥା ସାମାଜିକ ଗଣମାଧ୍ୟମରେ କେରଳ ରାଜ୍ୟରେ ଏହିପରି ଶିକ୍ଷାଦାନ ହେଉଥିବା ଜାଣି ଶିକ୍ଷକ ଶ୍ରୀ ବେହେରା ନିଜ ବିଦ୍ୟାଳୟରେ ସବୁ ଶ୍ରେଣୀରେ ଏହିପରି ପିଲାଙ୍କୁ ବସାଇ ପାଠ ପଢ଼ାଉଛନ୍ତି। ଏବେ ସମସ୍ତେ ଆଗ ଧାଡ଼ିର ଛାତ୍ରଛାତ୍ରୀ ଭାବି ଖୁସିରେ ପାଠ ପଢୁଛନ୍ତି। ଶିକ୍ଷକ ସବୁ ପିଲାଙ୍କୁ ସମାନ ନଜର ଦେଉଛନ୍ତି। ଏହିପରି ଶିକ୍ଷାଦାନକୁ କଟିଙ୍ଗିଆ ଗ୍ରାମବାସୀ ଓ ଶିକ୍ଷାବିତ୍ ବେଶ୍ ପ୍ରଶଂସା କରିଛନ୍ତି।

